## ସଂକ୍ଷେପରେ

### ଖାଇବା ଅର୍ଡର ଦେଇ ନେଇଗଲେ ୬୫ ହଜାର

ଅନୁଗୋଳ ଅଫିସ, ୫।୩- ଅନୁଗୋଳରେ ଏକ ଅଭିନବ ଉପାୟରେ ଠକେଇ ହୋଇଛି। ଏହି ଠକେଇର ଶିକାର ହୋଇଛନ୍ତି ବଦ୍ରି ପ୍ରସାଦ ବାରିକ। ତାଙ୍କ ଆକାଉଣ୍ଟରୁ ୬୫ ହଜାର ଟଙ୍କା ଗାଏବ କରାଯାଇଥିବା ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଆଇଟି ଆକ୍ଟରେ ଏକ ମାମଲା ରୁଜୁ କରି ତନାଘନା ଚଲାଇଛି। ପ୍ରକାଶ ଯେ, ଅନୁଗୋଳ ସହରର ଶାନ୍ତିବଜାରରେ ଥିବା ମାରୱାଡି ଭୋଜନାଳୟକୁ ମଧ୍ୟାହ୍ନରେ ଏକ ଫୋନ୍ କଲ୍ ଆସିଥିଲା। ଫୋନ୍‌ରେ ଜଣେ ବ୍ୟକ୍ତି ଖାଇବା ଅର୍ଡର କରିଥିଲେ। ପନିର, ଭାତ, ଡାଲଫ୍ରାଏ ୧୦ ପ୍ଲେଟ, ରୁଟି ୬୦ଟି ଓ ପାମ୍ପଡ଼ ୨୫ଟି ପଠାଇବାକୁ କହିଥିଲେ। ଏ ନେଇ ଦୋକାନୀ ପାଇବାକୁ ଥିବା ପ୍ରାପ୍ୟ ୨୫ଶହ ଟଙ୍କା ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ଫୋନ କରିଥିବା ବ୍ୟକ୍ତି ଜଣଙ୍କ କହିଥିଲେ। ଆକାଉଣ୍ଟକୁ ଟଙ୍କା ଯିବା ପରେ ପିଲା ପଠାଇ ଖାଇବା ନେବେ ବୋଲି ସେ ଦୋକାନୀଙ୍କୁ କହିଥିଲେ। ବିଶ୍ୱାସରେ ବଦ୍ରି ଏଟିଏମ୍ କାର୍ଡରେ ଥିବା ୧୬ ଟିକିଆ ନମ୍ବର ଦେବା ସହ ପରେ ଫୋନକୁ ଆସିଥିବା ଓଟିପି ମଧ ଜଣାଇ ଦେଇଥିଲେ। ଏହାପରେ ଅର୍ଡର ଖାଦ୍ୟ ପ୍ୟାକ୍ ବେଳେ ହଠାତ୍ ଦୋକାନୀଙ୍କ ମୋବାଇଲ୍‌କୁ ବ୍ୟାଙ୍କରୁ ମେସେଜ ଆସିଥିଲା। ଏଥିରେ ୬୫ ହଜାର ଟଙ୍କା ତାଙ୍କ ଆକାଉଣ୍ଟରୁ ଉଠାଯାଇଥିବା କଥା ଉଲ୍ଲେଖ ରହିଥିଲା। ଏହାଦେଖି ସେ ତୁରନ୍ତ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଅନୁଗୋଳ ଅଫିସ, ୫।୩- ଅନୁଗୋଳ ସହର ଉପକଣ୍ଠରେ ଥିବା କାଲଟ୍ୟାକ୍ସ ପେଟ୍ରୋଲ ପମ୍ପଠାରେ ବୁଧବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଖଲାରୀ ଅଞ୍ଚଳର ସୁଧାକର ବେହେରା ବୋଲି ଜଣାପଡିଛି। ଅନୁଗୋଳ ପୋଲିସ ଏକ ମାମଲା ରୁଜୁ କରି ଟ୍ରକ୍‌କୁ ଅଟକ ରଖିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଘଟଣାରୁ ଜଣାପଡିଛି, ସୁଧାକର ଅନୁଗୋଳର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ବୁଧବାର ବିଳମ୍ବିତ ରାତିରେ ଘରକୁ ଫେରୁଥିବାବେଳେ କଟକ ଆଡୁ ଲୁହା ବୋଝେଇ ଟ୍ରକ୍(ଓଆର-୦୬-ଜେ-୩୩୫୬) ତାଙ୍କୁ ଚାପି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଶଙ୍ଖମୁରରେ ଫଗୁଦଶମୀ



ଖମାର, ୫।୩- ପାଲଲହଡ଼ା ବ୍ଲକ ଶଙ୍ଖମୁର ଗ୍ରାମରେ ଧୁମ୍‌ଧାମରେ ଫଗୁଦଶମୀ ପାଳିତ ହେଉଛି। ଶ୍ରୀ ରାଧାକୃଷ୍ଣଙ୍କ ସନ୍ଧ୍ୟା ଆଳତି ପରେ ଶଙ୍ଖମୁର ଯୁବକ ସଂଘ, ଗ୍ରାମ ପରିଚାଳନା କମିଟି ତତ୍ତ୍ୱାବଧାନରେ ପ୍ରତିକୂଳ ପାଗ ଥିବା ସତ୍ତ୍ୱେ ଗୋପାଳମାନଙ୍କ ଲଉଡି ଖେଳ, ଘଣ୍ଟୁଆ, ସଂକୀର୍ତ୍ତନରେ ଗ୍ରାମ କମ୍ପି ଉଠିଥିଲା। ଶୁକ୍ରବାର ମାଉସୀ ଘର ଗମନ ଓ ଶନିବାର ଗ୍ରାମ, ପଡୋଶୀ ଗ୍ରାମ ପରିକ୍ରମା ଏବଂ ପରେ ଦୋଳଯାତ୍ରା ହେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ରାଧାକୃଷ୍ଣ ଫଗୁ ଖେଳିବା ସହ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗୁରୁବାର ଠାରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁରଙ୍କୁ ନେଇ ବିଭିନ୍ନ କର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗ୍ରାମ ପରିଚାଳନା କମିଟି ଦ୍ୱାରା ନିର୍ଦ୍ଧାରିତ କରାଯାଇଛି।

### ଗଣ୍ଡଗୋଳ କରି ଜଣେ ଗିରଫ

ଅନୁଗୋଳ ଅଫିସ, ୫।୩- ଅନୁଗୋଳ ସହର ଉପକଣ୍ଠ ବଲାସିଂହା ଅଞ୍ଚଳରେ ଗଣ୍ଡଗୋଳ କରିବା ଅଭିଯୋଗରେ ପୋଲିସ ଗୌରା ଓରଫ ଗୌରାଙ୍ଗ ନାଏକ(୫୫)ଙ୍କୁ ଗିରଫ କରିଛି। ଅନୁଗୋଳ ଥାନାରେ ଏ ନେଇ ନଂ. ୨୫୮/୨୦ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ବଲାସିଂହା ଗ୍ରାମ ବାଲିସାହିର ବିଭୂତି ନାଏକଙ୍କୁ ୭ ଜଣ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୂର୍ବରୁ ୨ ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଅନୁଗୋଳ ଥାନା ଏସ୍‌ଆଇ ସତ୍ୟ ରଞ୍ଜନ ଲେଙ୍କା ତଦନ୍ତ ଜାରି ରଖିଛନ୍ତି।

# ଗ୍ରାମ ଉନ୍ନତିରେ ରାଜ୍ୟର ଉନ୍ନତି



ଅୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ।

**ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହ**

ଅନୁଗୋଳ ଅଫିସ, ୫।୩

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଅନୁଗୋଳ ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ଗୁରୁବାର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରବାଦ ପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଗ୍ରାମାଞ୍ଚଳର ଉନ୍ନତିରେ ରାଜ୍ୟ ତଥା ଦେଶର ଉନ୍ନତି ସମ୍ଭବ। ସରକାରଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ମୁଖ୍ୟଅତିଥି କିଷାନ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଅଧକ୍ଷତା କରି ଜିଲାପାଳ ମନୋଜ କୁମାର ମହାନ୍ତି କହିଥିଲେ, ବିଜୁ ପଟ୍ଟନାୟକ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ପ୍ରଗତି କିପରି ସମ୍ଭବ ହୋଇପାରିବ ସେ ସମ୍ପର୍କରେ ଚିନ୍ତା କରୁଥିଲେ। ତାଙ୍କ ବଳିଷ୍ଠ ନେତୃତ୍ୱ ବଳରେ ସର୍ବ ପ୍ରଥମେ ଓଡ଼ିଶା ଏହି ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲା। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସକ ଡ. ଧରଣୀଧର ନାଥ ଯୋଗଦେଇ ମହାନ ବ୍ୟକ୍ତିତ୍ୱ, ମହନୀୟତା ଓ ଦୁଃସାହସିକତା ପାଇଁ ବିଜୁ ପଟ୍ଟନାୟକ ପରିଚିତ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ ଯୋଗଦେଇ ବିଜୁ ପଟ୍ଟନାୟକଙ୍କୁ ଓଡ଼ିଶାର ନବନିର୍ମାତା ଭାବେ ବିବେଚନା କରିଥିଲେ। ମହିଳାମାନଙ୍କୁ ରାଜନୀତିରେ ଅଗ୍ରାଧିକାର ଭିତ୍ତିରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ସହ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ଉଦ୍ୟମ ଜାରି ରଖିଥିଲେ ବୋଲି ଅଧ୍ୟକ୍ଷ ଦେହୁରୀ ପ୍ରକାଶ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ବିଜୁବାବୁଙ୍କ ବୀରତ୍ୱ ଓ ସାହସିକତାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଆଦର୍ଶ ଓ ବୀରତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ଅର୍ଥ) ଅବିନାଶ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ଦକ୍ଷତା ବିକାଶ) ରାକେଶ କୁମାର କୁଣ୍ଡୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକ (ବୈଷୟିକ) ହରିହର ପାଢ଼ୀ ଓ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଂଶୁମାନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ରଜନୀକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୩ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବାରୁ ପ୍ରୋତ୍ସାହନ ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ସେହିଭଳି ୫ ଜଣଙ୍କୁ ଜୈବ ଖତ ପ୍ରସ୍ତୁତି ପାଇଁ ୧୪ ହଜାର ଲେଖାଏ, ୪ ଜଣ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। କରୁଣାକର ବାଇ ଓ ସାଥିଙ୍କ ଦ୍ୱାରା ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ସରକାରୀ ଯୋଜନା ଲୋକଙ୍କଠାରେ ପହଞ୍ଚାଅ




ବଇଣ୍ଡା, ୫।୩(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ଲୋକଙ୍କ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଗୁଡ଼ିକ କିଭଳି ଲୋକଙ୍କଠାରେ ପହଞ୍ଚିବ ସେଥିପ୍ରତି ସମସ୍ତ ପଞ୍ଚାୟତ ପ୍ରତିନିଧି, ସରକାରୀ କର୍ମଚାରୀ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଗୁରୁବାର କିଶୋରନଗର ବ୍ଲକ ସଭାଗୃହଠାରେ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପଞ୍ଚାୟତିରାଜ ଦିବସ ଅବସରରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ବିଡିଓ ଅମୃତା ପ୍ରିୟମ୍ବଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲାପରିଷଦ ସଭ୍ୟ ଅର୍ଜୁନ ପାଣ୍ଡେ, ଜିପିଓ ସୁଜାତା ତ୍ରିପାଠୀ, ଏଲ୍‌ଏମ୍‌ଏସ୍ ରାଜେନ୍ଦ୍ର, ସୁନୀଲ କୁମାର ସିଂ ପ୍ରମୁଖ ଯୋଗଦେଇ ପଞ୍ଚାୟତିରାଜ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ମୋ ସରକାର ସମ୍ପର୍କରେ ସୂଚନା ଦିଆଯିବା ସହ ଏକ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି, ବିଭିନ୍ନ ସରକାରୀ କର୍ମଚାରୀ, ମହିଳା ସ୍ୱୟଂ ସହାୟିକାମାନେ ଯୋଗ ଦେଇଥିଲେ।

# ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଆଠମଲ୍ଲିକ, ୫।୩(ଡି.ଏନ.ଏ.)

ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଆଠମଲ୍ଲିକ ପୋଲିସ ବାହାଲି ଗ୍ରାମର ରଷି ବେହେରା (୬୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଲିପଲୋଇ ଗ୍ରାମର ବୃନ୍ଦାବନ ନାଏକ(୭୦) ବାହାଲି ଗ୍ରାମକୁ ବୁଧବାର ଭୋଜି ଖାଇବାକୁ ଯାଇଥିଲେ। ଭୋଜି ଖାଇ ଫେରିବା ସମୟରେ ରଷି ଏକ ଟାଙ୍ଗିଆରେ ବୃନ୍ଦାବନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବୃନ୍ଦାବନ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ପୋଲିସ ରଷିଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏପରି ଘଟିଥିବା ଆଇଆଇସି ପ୍ରିୟବ୍ରତ ଦାଶ କହିଛନ୍ତି।

# ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା




କର୍ମଶାଳାରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

ତାଳଚେର, ୫।୩(ନି.ପ୍ର.)

ଛାତ୍ରୀଛାତ୍ରଙ୍କୁ ଜୀବନ କୌଶଳର ଶିକ୍ଷା ତଥା ସେମାନଙ୍କ ସାମଗ୍ରିକ ବିକାଶର ଲକ୍ଷ୍ୟ ନେଇ ଏନ୍‌ଟିପିସି କଣିହାଁ ପକ୍ଷରୁ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କ ନିମନ୍ତେ ପିପୁଲସ ଫୋରମ୍ ସହଯୋଗରେ ଏକ ଦୁଇଦିନିଆ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ କଣିହାଁ ବ୍ଲକ ସ୍ଥିତ ଗଦାଶିଳା ଅପର ପ୍ରାଇମେରୀ ସ୍କୁଲ ଏବଂ ହରିହର ସରକାରୀ ହାଇସ୍କୁଲର ୭ମ ଓ ୮ମ ଶ୍ରେଣୀର ୭୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ୨୫ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ଏକ ଗ୍ରୁପ୍‌କୁ ୨ ଘଣ୍ଟା ଲେଖାଏ ପ୍ରଶିକ୍ଷଣ ଦିଆଯାଇଥିଲା। ବାଲ୍ୟ ବୟସରେ ଛାତ୍ରୀଛାତ୍ରଙ୍କ ପଥକୁ ସୁଗମ କରିବା ତଥା ସେମାନଙ୍କୁ ଶିକ୍ଷା ଏବଂ ସାମାଜିକ ଚାପ ସମ୍ମୁଖୀନ ହେବାକୁ ସକ୍ଷମ କରାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏନ୍‌ଟିପିସି ପକ୍ଷରୁ କୁହାଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ଭାଗ ନେବା ସହ ବିଭିନ୍ନ ଶିକ୍ଷାକୁ ଆହରଣ କରିବାକୁ ବିଶେଷ ରୁଚି ଦେଖାଇଥିଲେ। ପିପୁଲସ ଫୋରମ୍ ସଂସ୍ଥା ପକ୍ଷରୁ ଅଭିଳାଶ ଦୁରୁଗର ଏବଂ ଏ.ସ୍ୱାତୀ ପ୍ରଭା ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ବସ୍‌ଷ୍ଟାଣ୍ଡରୁ ଯୁବକଙ୍କୁ ଅପହରଣ ଅଭିଯୋଗ

ଅନୁଗୋଳ ଅଫିସ, ୫।୩

ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ପୁରୁଣାକୋଟ ଥାନା କୁଲସର ଗ୍ରାମର ଧୀରେନ ବେହେରା(୪୪)ଙ୍କୁ ଅପହରଣ କରାଯାଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଯୁବକଙ୍କ ବାପା ଅନ୍ତର୍ଯ୍ୟାମୀ ବେହେରାଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କୁଲସରରୁ ଧୀରେନ ଗତ ମଙ୍ଗଳବାର ଅନୁଗୋଳର ଏକ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଆସି ଆଉ ଘରକୁ ଫେରି ନ ଥିଲେ। ସନ୍ଧ୍ୟାରେ ତାଙ୍କ ଘରକୁ ଏକ ନମ୍ବରରୁ ଫୋନ୍ ଯାଇଥିଲା। ଫୋନ ଆରପଟେ ଧୀରେନ କାନ୍ଦି କାନ୍ଦି ତାଙ୍କୁ ଅପହରଣ କରାଯାଇଥିବା ପରିବାରକୁ କହିଥିଲେ। ପରେ ଫୋନ କରିଥିବା ବ୍ୟକ୍ତି ଜଣକ ଆଉ ଥରେ ଫୋନ କରିବେ ବୋଲି କହିଥିଲେ ମଧ୍ୟ ଆଉ ଫୋନ ଆସି ନ ଥଲା। ଫଳରେ ଧୀରେନଙ୍କ ପରିବାର ଲୋକ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

ତାଳଚେର, ୫।୩(ନି.ପ୍ର.)

ତାଳଚେର ଜୁନିୟର ଚାମ୍ବର ଇଣ୍ଟର ନ୍ୟାଶନାଲ (ଜେସିଆଇ) ଶାଖା ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ କନଭେନଶନ ହଲଠାରେ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାକେଶ କୁମାର ଗୁପ୍ତା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଯୋଗଦେଇ କେବଳ ନିଯୁକ୍ତି ପଛରେ ନ ଗୋଡାଇ ନିଜେ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅନୁଗୋଳ ଜିଲା ଶିଳ୍ପକେନ୍ଦ୍ରର ମହାପ୍ରବନ୍ଧକ ଗଗନ ବିହାରୀ ନାୟକ, ଭୁବନେଶ୍ୱରସ୍ଥିତ ଇଡିଆଇଆଇ ପୂର୍ବାଞ୍ଚଳ ମୁଖ୍ୟ ସୁବ୍ରତ ବିଶ୍ୱାଳ, ତାଳଚେର ସାରକାରଖାନାର ପୂର୍ବତନ ବୈଷୟିକ ଅଧିକାରୀ ଡକ୍ଟର ପ୍ରସନ୍ନ କୁମାର ବରାଳ, ଜେସିଆଇ ଜୋନ ନିର୍ଦ୍ଦେଶକ ଆଶିଷ ଅଗ୍ରୱାଲ, ରଶ୍ମିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଏହି କର୍ମଶାଳାରୁ ଜ୍ଞାନ ଆହାରଣ କରି ନିଜ ଲକ୍ଷ୍ୟପଥରେ ଆଗେଇ ଯିବାକୁ ଯୁବପିଢିଙ୍କୁ ଆହ୍ୱାନ ଦେଇଥିଲେ। ତାଳଚେର ପଞ୍ଚାୟତ ଶିଳ୍ପ ଅଧିକାରୀ ନୃସିଂହ ସାହୁ, ଜେସିଆଇ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ଦୀପ୍ତି ରଞ୍ଜନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। କର୍ମଶାଳାରେ ଯୁବଗୋଷ୍ଠୀ, ବିଭିନ୍ନ ବ୍ୟବସାୟୀ, ବ୍ୟାଙ୍କ ଅଧିକାରୀ, ଆଇଡ୍ରିମ କଲେଜର ଛାତ୍ରୀଛାତ୍ର, ଜିଏସଟି କର୍ମକର୍ତ୍ତା ଯୋଗ ଦେଇଥିଲେ। ମନୀଷ ଅଗ୍ରୱାଲ, ବାସୁଦେବ ସାହୁ, ପ୍ରତାପ ବାରିକ, ଅଶୋକ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ନାଲ୍‌କୋନଗରରେ ଫଗୁ ଦଶମୀ



ମନ୍ଦିର ପରିସରରେ ଫଗୁ ଦଶମୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ।

ବଣ୍ଟରପାଳ, ୫।୩(ଡି.ଏନ.ଏ.)

ନାଲକୋନଗର ଯାଦବ ସମାଜ ପକ୍ଷରୁ ଗୁରୁବାର ଫଗୁ ଦଶମୀ ପାଳିତ ହୋଇଯାଇଛି। ନାଲ୍‌କୋ ଜଗନ୍ନାଥ ମନ୍ଦିରରେ ଆୟୋଜିତ ଏହି ଉତ୍ସବ ଅବସରରେ ପାରମ୍ପରିକ ବାଦ୍ୟ ନୃତ୍ୟ ସହ ଲଉଡି ଖେଳ ପରିବେଷଣ ହୋଇଥିଲା। ମାଉସୀ ମା' ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ଲଉଡି ଖେଳ ପ୍ରଦର୍ଶନ ସହ ବିମାନ ଯୋଗେ ଠାକୁରଙ୍କୁ ଅଣାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଜଗନ୍ନାଥ ମନ୍ଦିର ପରିସରରେ ଲିଙ୍ଗରାକଟା ଓ ଭାଗପୁତ ଗ୍ରାମର ଲଉଡି ଖେଳ ଦଳ ଗୁଡିକ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ନାଲ୍‌କୋର ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ। ଯାଦବ ସମାଜ ସଭାପତି ଦୀନବନ୍ଧୁ ଭୂତିଆ, ସମ୍ପାଦକ ଭରତ ଚନ୍ଦ୍ର ରାଉତ, ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ରାଉତ, କୋଷାଧ୍ୟକ୍ଷ ସୁମନ୍ତ ସାହୁ, ଉପଦେଷ୍ଟା ପଦ୍ମଲୋଚନ ବେହେରା, ମୁକୁନ୍ଦ ବେହେରା, ଅଜୟ ବେହେରା, ଅକ୍ଷୟ ଭୂତିଆ ପ୍ରମୁଖ ସହଯୋଗ କରିଥିଲେ।

# ଡେପୁଟେଶନରେ ଚାଲିଛି ପ୍ରାଣୀ ଚିକିତ୍ସାଳୟ

ବନ୍ତଲା, ୫।୩(ଡି.ଏନ.ଏ.)

- ବନ୍ତଲାରେ ଖାଲି ପଡ଼ିଛି ସମସ୍ତ ପଦବୀ
- ଚିକିତ୍ସିତ ହୋଇପାରୁନାହାନ୍ତି ଗୃହପାଳିତ ପ୍ରାଣୀ



ବନ୍ତଲା ପ୍ରାଣୀ ଚିକିତ୍ସାଳୟ।

ରୁଗ୍ଣ ହୋଇପଡିଛି ଅନୁଗୋଳ ଜିଲା ବନ୍ତଲା ସରକାରୀ ପ୍ରାଣୀ ଚିକିତ୍ସାଳୟ। ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାରୁ ଚାଷୀମାନେ ସେମାନଙ୍କ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା କରାଇପାରୁନାହାନ୍ତି। ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି।

ଅନୁଗୋଳ ବ୍ଲକର ୨୨ଟି ପଞ୍ଚାୟତକୁ ନେଇ ବନ୍ତଲାରେ ପ୍ରାଣୀ ଚିକିତ୍ସାଳୟ କରାଯାଇଛି। ଏହା ଅଧୀନରେ କୁମୁରିସିଙ୍ଗା, ଇଙ୍କରବନ୍ଧ, କରତପଟା, ତଳଗଡ଼, ବଡକନ୍ତକୁଳ, ଖିଣ୍ଡା, ଜଗନାଥପୁର, ପୁରୁଣାକୋଟ ଆଦି ୮ଟି ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର (ଏଲ ଆଇ ସେଣ୍ଟର) ରହିଛି। ଏଥିସହିତ ଚିକିତ୍ସାଳୟ ଅଧୀନରେ ସାତକୋଶିଆ ଅଭୟାରଣ୍ୟ ମଧ ରହିଛି। ବନ୍ତଲା ପ୍ରାଣୀ ଚିକିତ୍ସାଳୟରେ ଜଣେ ଡାକ୍ତର, ଜଣେ ଆଟେଣ୍ଡାଣ୍ଟ, ଜଣେ ପିଅନ ଓ ଜଣେ ଚୌକିଦାର ଆବଶ୍ୟକ ଥିବାବେଳେ ବର୍ତ୍ତମାନ ସବୁ ପଦବୀ ଖାଲି ରହିଛି। ଜରପଡା ପ୍ରାଣୀ ଡାକ୍ତର ଡେପୁଟେଶନରେ ସପ୍ତାହକୁ ଦୁଇଦିନ ଆସୁଛନ୍ତି। ସେହିପରି ବଡକନ୍ତକୁଳ, ଜଗନ୍ନାଥପୁର ଏଲଆଇ ବନ୍ତଲାକୁ ଡେପୁଟେଶନରେ ଆସି କାମ କରୁଛନ୍ତି। ଏହାଛଡ଼ା କୁମୁରିସିଙ୍ଗା, ଇଙ୍କରବନ୍ଧ, ବଡ଼କନ୍ତକୁଳ, ଜଗନାଥପୁରରେ ବର୍ତ୍ତମାନ ପ୍ରାଣୀ ନିରୀକ୍ଷକ (ଏଲ୍‌ଆଇ) ପଦବୀ ଖାଲି ପଡ଼ିଛି। ସେହିପରି ତଳଗଡ଼, କରତପଟା, ଖିଣ୍ଡା ଓ ପୁରୁଣାକୋଟ କେନ୍ଦ୍ରରେ ଆଟେଣ୍ଡାଣ୍ଟ ପଦବୀ ଖାଲି ପଡିଛି। ଜଣେ ଏଲ୍‌ଆଇ ଓ ଜଣେ ଆଟେଣ୍ଡାଣ୍ଟ ଦୁଇ ଦୁଇଟି କେନ୍ଦ୍ରର ଦାୟିତ୍ୱ ନେଇଛନ୍ତି। ନିକଟରେ ଫାଟୁଆ, ଚର୍ମ ବିଣ୍ଡି ରୋଗରେ ହଜାର ହଜାର ଗୋରୁ ଛେଳି ଆକ୍ରାନ୍ତ ହେବା ସହ ଅନେକଙ୍କ ମୃତ୍ୟୁ ହୋଇଥିଲା। କର୍ମଚାରୀ ଅଭାବରୁ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ହୋଇପାରୁ ନ ଥିବାରୁ ଚାଷୀମାନେ କ୍ଷତି ସହୁଛନ୍ତି। ଏ ଦିଗରେ ତୁରନ୍ତ ଦୃଷ୍ଟି ଦିଆଯାଇ ଚିକିତ୍ସାଳୟରେ ଡାକ୍ତର ଓ ଅନ୍ୟାନ୍ୟ ପଦବୀ ପୂରଣ କରାଯିବାକୁ ଦାବି ହୋଇଛି।

ଏ ବିଷୟରେ ବନ୍ତଲା ପ୍ରାଣୀ ଚିକିତ୍ସାଳୟ ଦାୟିତ୍ୱରେ ଥିବା ଜରପଡା ପ୍ରାଣୀ ଡାକ୍ତର ରାଜେଶ କୁମାର କବି କୁହନ୍ତି, କର୍ମଚାରୀ ଅଭାବରୁ ଅସୁବିଧା ହେଉଛି। ଦୁଇଟି ଚିକିତ୍ସାଳୟକୁ ଦେଖିବା ସମ୍ଭବ ନୁହେଁ। ଖାଲି ଥିବା ପଦବୀ ପୂରଣ ହେଲେ ସମସ୍ୟା ଦୂର ହେବ। ଜିଲା ପ୍ରାଣୀ ଡାକ୍ତର ଚିତ୍ତରଞ୍ଜନ ଆଚାର୍ଯ୍ୟଙ୍କ ଫୋନ ନଂ. ୯୪୩୭୨୭୩୨୬୬କୁ ଯୋଗାଯୋଗ କରାଯାଇଥିଲେ ମଧ ମତାମତ ମିଳିପାରିନାହିଁ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଣ୍ଟରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡ଼ା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### କ୍ରାନ୍ତିକାରୀ ପଦକ୍ଷେପ ଉପରେ ଆଲୋକପାତ



**କଣିହାଁ,୫।୩(ଡି.ଏନ.ଏ.):** କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରେଙ୍ଗାଲି ଡ୍ୟାମ୍ ସାଇଟ ମେଡିକାଲ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥି ଭାବେ ସରପଞ୍ଚ ରଶ୍ମିତା ସେଠୀଙ୍କ ସମେତ ବିଜେଡି କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ସ୍ତୁତିଚାରଣ କରିଥିଲେ। ସେହିପରି ସମଲ ଥାନା ବୁରୁକୁନା ପଞ୍ଚାୟତ ମହାଧରପୁର ବିଦ୍ୟାଳୟ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବ୍ଲକ ବିଜେଡି ସଭାପତି କୈଳାସ ସାହୁଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ କଣିହାଁ ପଞ୍ଚାୟତ ସମିତି ପବିତ୍ରମୋହନ ସଭାଗୃହରେ ବିଡିଓ ରମେଶ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ବିଜୁ ପଟ୍ଟନାୟକଙ୍କ କ୍ରାନ୍ତିକାରୀ ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା। ସେହିପରି ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଏଥିରେ ସରପଞ୍ଚ, ନିର୍ବାଚିତ ପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଟ୍ରଲରରୁ ଡିଜେଲ ଚୋରି ଘଟଣା ୨ ଅଭିଯୁକ୍ତ କୋର୍ଟଚାଲାଣ

**ରୂପ୍‌ସା, ୫।୩(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପଞ୍ଚୁପଡ଼ା ନଦୀଘାଟଠାରେ ଏକ ଟ୍ରଲରରୁ ୩୫୦ଲିଟର ଡିଜେଲ ଚୋରି ଘଟଣାରେ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସଦର ଥାନା ପାରିକୂଳ ଗ୍ରାମର ଅରୁଣ ମହାଲିକ ଓ ବୁଆଁଳି ଗ୍ରାମର ଶ୍ରୀଧର ପାତ୍ର। ସେମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଗତ ଫେବୃୟାରୀ ୬ ତାରିଖରେ ପାରିକୂଳ ଗ୍ରାମର ପ୍ରଭାସ କୁମାର ମହାପାତ୍ରଙ୍କ ଟ୍ରଲର ସମୁଦ୍ରକୁ ଯିବା ପାଇଁ ପଞ୍ଚୁପଡ଼ା ନଦୀଘାଟଠାରେ ପ୍ରସ୍ତୁତ ହୋଇ ରହିଥିଲା। ରାତିରେ ଦୁର୍ବୃତ୍ତମାନେ ଟ୍ରଲରରେ ଥିବା ୩୫୦ ଲିଟର ଡିଜେଲ ଚୋରିକରି ନେଇଥିଲେ। ଏନେଇ ବସ୍ତା ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଫେବୃୟାରୀ ୧୮ ତାରିଖରେ ଏକ ମାମଲା (ନଂ. ୪୨/୨୦) ରୁଜୁକରି ତଦନ୍ତ ଜାରି ରଖିଥିଲା। ଆଇଆଇସି ମାନସ କୁମାର ଦେଓ, ଏସ୍‌ଆଇ ପ୍ରଶାନ୍ତ କୁମାର ପାଣି ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

### ବଧୂହତ୍ୟା ଅଭିଯୋଗ: ଶ୍ୱଶୁର ଅଟକ

**ପଦ୍ମପୁର,୫।୩(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଡ ପଞ୍ଚାୟତ ଅଧୀନ ଖସରବେଡ଼ି ଗ୍ରାମରେ ବଧୂହତ୍ୟା ନେଇ ନାୟକାଣିଡିହୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ପୁରୁଷୋତ୍ତମ ମାଝୀଙ୍କ ଝିଅ ପିଙ୍କି ସେହି ଗ୍ରାମର ଜଣେ ଯୁବକଙ୍କୁ ୨୦୧୯ରେ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକେ ଯୌତୁକ ଦାବି କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବୁଧବାର ପିଙ୍କି ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଖବର ପାଇ ପୁରୁଷୋତ୍ତମ ତାଙ୍କ ଶାଶୁଘରେ ପହଞ୍ଚିଥିଲେ। ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ନାୟକାଣିଡିହୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୨୯/୨୦) ରୁଜୁ କରାଯାଇଛି। ମୃତା ପିଙ୍କିଙ୍କ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରାଯାଉଥିବା ତଦନ୍ତକାରୀ ଅଧିକାରୀ ନିରୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### ଟ୍ରାଫିକ ସଚେତନତା

**ପଦ୍ମପୁର,୫।୩(ଡି.ଏନ.ଏ.):** ଭଦ୍ରକ ବ୍ଲକ ସାବରଙ୍ଗଠାରେ ଏନ୍‌ଡିଏମ୍ ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ପରିବର୍ତ୍ତିତ ଟ୍ରାଫିକ ନିୟମର ବାର୍ତ୍ତା ଦେଇ ବିଦ୍ୟାଳୟରୁ ବାହାରି ସାବରଙ୍ଗ ବଜାର ପରିକ୍ରମା କରିଥିଲେ। ସେମାନେ ଲୋକଙ୍କୁ ସଚେତନ କରାଇଥିଲେ।

# ନାଳିଫିଟା ତଳେ ନିରାକରଣ ନିଷ୍ପତ୍ତି

**ତାଳଚେର,୫।୩(ନି.ପ୍ର.)**

ରାଜ୍ୟ ସରକାରଙ୍କ ରାଜସ୍ୱ ତାଲିକାରେ ନମ୍ବର ୱାନ ସ୍ଥାନରେ ଥିବା ଅନୁଗୋଳ ଜିଲାର ତାଳଚେର ଶିଳ୍ପାଞ୍ଚଳ ପ୍ରଦୂଷଣରେ ମଧ୍ୟ ଏକ ନମ୍ବର ସ୍ଥାନ ଦଖଲ କଲାଣି। ହେଲେ ଏଥିପ୍ରତି ନା ରାଜ୍ୟ ସରକାରଙ୍କ ଦୃଷ୍ଟି ଅଛି ନା ତାଳଚେର ଉପଖଣ୍ଡ ପ୍ରଶାସନର। ଜିଲା ପ୍ରଶାସନ ମଧ୍ୟ କିଛି ନ ଜାଣିଲା ଭଳି ଆଖିବୁଜି ବସିଛି। ୫୩ନଂ. ଜାତୀୟ ରାଜପଥରେ ଦୈନିକ ହଜାର ହଜାର କୋଇଲା ଟ୍ରକ୍ ଚଳାଚଳ ଯୋଗୁ ଧୂଳି, ଧୂଆଁର ପ୍ରଦୂଷଣ ଭୟଙ୍କର ରୂପ ନେଉଥିବା ବେଳେ ଏହାର ନିରାକରଣ ଦିଗରେ ପ୍ରଶାସନ ନେଉଥିବା ନିଷ୍ପତ୍ତି ବର୍ଷ ବର୍ଷ ଧରି ନାଳିଫିଟା ତଳେ ରହିଆସିଛି। ଫଳରେ ଏହାର ସିଧାସଳଖ ପ୍ରଭାବ ତାଳଚେରବାସୀଙ୍କ ଉପରେ ପଡୁଛି। ବଢୁଥିବା ପ୍ରଦୂଷଣର ବିଷ ବଳୟ ଯୋଗୁ ଏଠାକାର ପ୍ରାୟ ୭୦ ପ୍ରତିଶତ ଲୋକ ଶ୍ୱାସ ଜନିତ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି।

କଳାହୀରାର ସହର ଭାବେ ପରିଚିତ ତାଳଚେରରୁ ରାଜ୍ୟ ଓ କେନ୍ଦ୍ର ସରକାର ବାର୍ଷିକ ହଜାର ହଜାର କୋଟି ଟଙ୍କା ରାଜସ୍ୱ



୫୩ନଂ. ଜାତୀୟ ରାଜପଥରେ କୋଇଲା ଟ୍ରକ୍ ଯୋଗୁ ପ୍ରବଳ ଧୂଳି ଉଡୁଛି।

ବାବଦରେ ପାଉଛନ୍ତି। ହେଲେ ଏଠାକାର ମୁଖ୍ୟ ସମସ୍ୟା ପ୍ରଦୂଷଣ ହ୍ରାସ ଦିଗରେ ସେପରି କୌଣସି ଦୃଢ଼ ପଦକ୍ଷେପ ନିଆଯାଉନାହିଁ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଦୀର୍ଘ ବର୍ଷ ଧରି ଡେରା-ହାଣ୍ଡିଧୂଆଁ-ପବିତ୍ରମୋହନ ଛକ ଦେଇ ସମସ୍ତ କୋଇଲା ଟ୍ରକ୍ ଯାତାୟାତ କରୁଥିଲା। ଲୋକଙ୍କ ପ୍ରବଳ ବିରୋଧ, ବାରମ୍ବାର ଆନ୍ଦୋଳନ ପରେ ୨୦୧୭ ଡିସେମ୍ବର ୧୬ଠାରୁ ଉକ୍ତ ରାସ୍ତାରେ କୋଇଲା ପରିବହନ ବନ୍ଦ କରାଯାଇ ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥରେ କୋଇଲା ଟ୍ରକ୍ ଚଳାଚଳ କଲା। ପ୍ରଶାସନର ଏହି ନିଷ୍ପତ୍ତିକୁ ଅଞ୍ଚଳବାସୀ ସ୍ୱାଗତ କରିଥିଲେ। କିନ୍ତୁ ଧୀରେ ଧୀରେ ଅଧିକ ସଂଖ୍ୟକ କୋଇଲା ଟ୍ରକ୍ ଚଳାଚଳ କରିବାରୁ ସମସ୍ୟା ଏବେ ଅଣଆୟତ୍ତ ହୋଇପଡ଼ିଛି। ସହରର ବାଙ୍କଧରା ଛକ, କଲେଜ, ବସ୍‌ଷ୍ଟାଣ୍ଡ, ବାଇପାସ୍ ଛକ, ପବିତ୍ରମୋହନ ଛକ, ବହ୍ଲର ଛକ ଦେଇ ଦୈନିକ ୫ ହଜାର କୋଇଲା ଟ୍ରକ୍ ଯାତାୟାତ କରୁଛି। ଏଥିଯୋଗୁ ପ୍ରବଳ ଧୂଳି ଉଡ଼ିବା ସହ କଳା ଧୂଆଁରେ ସହର ଓ ଆଖପାଖ ଅଞ୍ଚଳରେ ଭୟଙ୍କର ପ୍ରଦୂଷଣ ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ଉପଜିଲାପାଳ ଅଫିସ, ବ୍ଲକ, ସ୍କୁଲ କଲେଜ, ତହସିଲ, ଡାକ୍ତରଖାନା,

- ତାଳଚେରରେ ଭୟଙ୍କର ହେଲାଣି ଧୂଳି, ଧୂଆଁ ପ୍ରଦୂଷଣ
- ୭୦ ପ୍ରତିଶତ ଲୋକ ଭୋଗୁଛନ୍ତି ଶ୍ୱାସ ସମସ୍ୟା
- ଅନ୍ଧ, ମୂକ, ବଧିର ଅବସ୍ଥାରେ ପ୍ରଶାସନ

ବଜାର, କୋର୍ଟକୁ ଅଞ୍ଚଳବାସୀ ଓ ଛାତ୍ରୀଛାତ୍ର ଯାତାୟାତ କରିଥାନ୍ତି। କିନ୍ତୁ ଏତେ ସଂଖ୍ୟକ କୋଇଲା ଟ୍ରକ୍ ସହ ଧୂଳି ଓ ଧୂଆଁ ଯୋଗୁ ରାଜପଥରେ ଯାତାୟାତ ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ପରିସ୍ଥିତି ଏପରି ହୋଇଛି ଯେ ଦିନରେ ମଧ୍ୟ ଏହି ରାସ୍ତାରେ ଗାଡ଼ି ଚାଳକ ଲାଇଟ୍ ଦେଇ ଯିବାଆସିବା କରୁଛନ୍ତି। ସେହିପରି ରାଜପଥ ପାର୍ଶ୍ୱରେ ଗଦା ହେଉଥିବା ଧୂଳି ସାମାନ୍ୟ ବର୍ଷାରେ ମୋଟା କାଦୁଅରେ ପରିଣତ ହେଉଥିବାରୁ ବହୁ ସମୟରେ ଦୁର୍ଘଟଣାରେ ଧନଜୀବନ ହାନି ହେଉଛି। ଗାଡ଼ିଗୁଡ଼ିକ ବେଆଇନ ଭାବେ ପାର୍କିଂ କରାଯାଉଥିବାରୁ ମଧ୍ୟ ଏହା ଦୁର୍ଘଟଣାର କାରଣ ସାଜୁଛି। ଏପରି ବିଭିନ୍ନ କାରଣରୁ ରାଜପଥ ସଙ୍କୁଚିତ ହେଉଥିବାବେଳେ ରାସ୍ତାରୁ କିପରି ଧୂଳି ସଫା କରାଯିବ, ନିୟମିତ ପାଣି ସିଞ୍ଚନ ହେବ, ବେଆଇନ ପାର୍କିଂ କରା ନ ଯିବ ସେ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ କି ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତି ସବୁ କାର୍ଯ୍ୟକାରୀ କରୁନାହିଁ। ଏହି ରାସ୍ତା ଦେଇ ରାଜନେତା, ପ୍ରଶାସକ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅଧିକାରୀମାନେ ଯାତାୟାତ କରୁଥିଲେ ବି ସମସ୍ୟାର ନିରାକରଣ ଦିଗ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ବର୍ଷ ବର୍ଷ ଧରି ଅଞ୍ଚଳବାସୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ୭୦ ପ୍ରତିଶତ ଲୋକ ଶ୍ୱାସ ଜନିତ ରୋଗର ଶିକାର ହେଲେଣି। ଆଗକୁ ଏହି ସମସ୍ୟା ଭୟଙ୍କର ରୂପ ନେବାର ଆଶଙ୍କା ଥିବାରୁ ତୁରନ୍ତ ତାଳଚେର ଉପଖଣ୍ଡ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏକ ବୈଠକରେ ଥିବାରୁ କୌଣସି ମତାମତ ଦେଇନାହାନ୍ତି।

## ବାପିଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ



**ଅନୁଗୋଳ ଅଫିସ, ୫।୩**

ବେଆଇନ ବନ୍ଧୁକ ଜବତ ମାମଲାରେ ଗିରଫ ହୋଇ କୋର୍ଟଚାଲାଣର ମାତ୍ର ୩୦ ମିନିଟ୍ ମଧ୍ୟରେ ବେଲ୍ ପାଇଯାଇଥିବା ଲିଙ୍ଗରାଯୋଡ଼ିର ବାପି ଓରଫ୍ ସତ୍ୟଜିତ ପ୍ରଧାନ(୩୩)ଙ୍କ ନାମରେ ଗୁରୁବାର ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଛି। ଅନୁଗୋଳ ଏସ୍‌ଡିଜେଏମ୍ କୋର୍ଟ ଏହି ନିର୍ଦ୍ଦେଶ ଦେବା ସହ ମାର୍ଚ୍ଚ ୨୦ ସୁଦ୍ଧା ବାପିଙ୍କୁ ଗିରଫ କରି କୋର୍ଟରେ ହାଜର କରିବାକୁ ଅନୁଗୋଳ ପୋଲିସକୁ କୁହାଯାଇଛି। ଏସ୍‌ଡିଜେଏମ୍ କୋର୍ଟର ଜଜ୍ ବିଶ୍ୱଜିତ ନାୟକ ଏହି ନିର୍ଦ୍ଦେଶ ଦେଇଥିବା କୋର୍ଟ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ବାପିଙ୍କୁ ୨୦ ତାରିଖ ଭିତରେ ପୋଲିସ ଧରି ନ ପାରିଲେ ପଳାତକ ଘୋଷଣା କରିବାକୁ କୋର୍ଟ ନିକଟରେ ପ୍ରାର୍ଥନା କରାଯିବ ବୋଲି କ୍ୟାଡର ଏପିପି ଜ୍ୟୋତି ପ୍ରକାଶ ମହାପାତ୍ର ସୂଚନା ଦେଇଛନ୍ତି।

# ତାଲିମ ନେଲେ ୧୮୨ ଛାତ୍ରୀ



ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ନେଉଛନ୍ତି।

**କଣିହାଁ,୫।୩(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ଥାନା ଅଞ୍ଚଳ ଡ୍ୟାମ ସାଇଟ ସ୍ଥିତ ପବିତ୍ରମୋହନ ସ୍ମାରକୀ ସ୍ନାତକ କଲେଜରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୧୦ ଜଣ ଛାତ୍ରୀ ଯୋଗଦେଇ ତାଲିମ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ଦିହୁଡି ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅଧ୍ୟାପକ କିଶୋରଚନ୍ଦ୍ର ଦେହୁରିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଅଧ୍ୟାପକ ବିଷ୍ଣୁଚରଣ ଦେହୁରି ଧନ୍ୟବାଦ ଦେଇଥିଲେ। ସେହିପରି କୁଲୁମା ଯୁକ୍ତ ୨ କଲେଜରେ ୭୨ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। କଲେଜ ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ବଂଶୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଧନଜୀବନର ସୁରକ୍ଷା ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୫।୩**

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସମନ୍ୱୟ କମିଟି ବୈଠକ

ପ୍ରାକୃତିକ ବିପର୍ଯ୍ୟୟର ଉଚିତ ମୁକାବିଲା ପାଇଁ ସାମାଜିକ କର୍ମୀ ଅନୁଷ୍ଠାନ ସମନ୍ୱୟ କମିଟିର ଏକ ବୈଠକ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଦ୍ୱାରା ଆୟୋଜିତ ଏହି ବୈଠକରେ ଜିଲାପାଳ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ବିପର୍ଯ୍ୟୟ ପୂର୍ବରୁ ଓ ବିପର୍ଯ୍ୟୟ ସମୟରେ ଲୋକମାନଙ୍କ ଧନଜୀବନ କିପରି ସୁରକ୍ଷିତ ହୋଇପାରିବ ସେଥିପାଇଁ ସାମାଜିକ କର୍ମୀ ଅନୁଷ୍ଠାନଗୁଡ଼ିକ ବିଭାଗୀୟ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ସାମାଜିକ କର୍ମୀମାନେ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସହଭାଗିତାରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଉଭୟ ସରକାରୀ ଓ ସାମାଜିକ କର୍ମୀ



ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅନୁଷ୍ଠାନ ଗୁଡ଼ିକର ପ୍ରତିନିଧିମାନଙ୍କ ମିଳିତ ପ୍ରଚେଷ୍ଟାରେ ବିପର୍ଯ୍ୟୟକୁ ହ୍ରାସ କରାଯାଇପାରିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଗ୍ରାମସ୍ତରର ସୂକ୍ଷ୍ମ ଯୋଜନା ପ୍ରସ୍ତୁତି ଓ ଠିକ୍ ଉପଯୋଗ ନିମନ୍ତେ ପରାମର୍ଶ ଦେଇଥିଲେ। ବନ୍ୟା, ବାତ୍ୟା ଓ ଅନ୍ୟ ପ୍ରାକୃତିକ ଦୁର୍ବିପାକ ବ୍ୟତୀତ ସାପ କାମୁଡ଼ା, ବଜ୍ରପାତ, ପାଣିରେ ବୁଡ଼ିଯିବା, ଅଂଶୁଘାତରେ ବହୁ ଲୋକଙ୍କ ମୃତ୍ୟୁ ଘଟୁଛି। ଏହି ଦୁର୍ବିପାକ ପାଇଁ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ଅନୁକମ୍ପା ରାଶି ପ୍ରଦାନ କରୁଛନ୍ତି ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଜିଲାସ୍ତରୀୟ ସାମାଜିକ କର୍ମୀ ସମନ୍ୱୟ କମିଟି ନୋଡାଲ ଅନୁଷ୍ଠାନ ଭାବେ ସାମାଜିକ କର୍ମୀ ଅନୁଷ୍ଠାନ ଏଫ୍‌ଇଏସ୍‌କୁ ଚୟନ କରାଯାଇଥିଲା। ଜିଲା ଜରୁରିକାଳୀନ ଅଧିକାରୀ ଜାନକୀନାଥ ମିଶ୍ର ବିପର୍ଯ୍ୟୟ ପରିଚାଳନାରେ ସାମାଜିକ କର୍ମୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ସାମାଜିକ କର୍ମୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଏଥିରେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷର ଜିଲା ପରିଯୋଜନା ଅଧିକାରୀ ପ୍ରଦୋଷ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

# ସାହସୀ ଥିଲେ ବିଜୁ ବାବୁ



ଆଠମଲ୍ଲିକରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ଛେଣ୍ଡିପଦା/ଆଠମଲ୍ଲିକ, ୫।୩(ସ୍ୱ.ପ୍ର.)**

ଛେଣ୍ଡିପଦା ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମତିଥି ଓ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ବିଡିଓ ସୁନୀଲ କୁମାର କେରକେଟାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବାପୁଜୀ ମହାବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଦୀପ କୁମାର କର, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଅଶୋକ ପ୍ରଧାନ, ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ସୁବାସ ଦାଶ, ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ ପ୍ରମୁଖ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଏହି ଜନନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ବିଜୁ ବାବୁ ଅଦମ୍ୟ ସାହସର ଅଧିକାରୀ ଥିଲେ ବୋଲି ପ୍ରକାଶ କରିଥିଲେ। ରାକେଶ କୁମାର ନାଥ, ଦିଲୀପ ବେହେରା, ଭଜମନ ଗଡନାୟକ, କାଶୀନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକ ବିଜେଡି ସଭାପତି ଶ୍ରୀଧର ଗଡନାୟକଙ୍କ ନେତୃତ୍ୱରେ ବିଜୁବାବୁଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଏଥିରେ ଯୋଗ ଦେଇଥିଲେ। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମହାମିଳନ ମୁର୍ମୁଙ୍କ ତତ୍ତ୍ୱାବଧାନରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଆଠମଲ୍ଲିକରେ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା, ବିଜେଡି ବ୍ଲକ ସଭାପତିଙ୍କ ସମେତ ୧୫ରୁ ୨୦ କର୍ମୀ ଉପସ୍ଥିତ ଥିଲେ। ସ୍ଥାନୀୟ ଡାକ୍ତରଖାନା, ଜେଲ୍ ଆଦିରେ ଫଳବଣ୍ଟନ ସହ ଏକ ସଭାର ଆୟୋଜନ ହୋଇଥିଲା। ତେବେ କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟକ କର୍ମୀ ଯୋଗ ଦେଇ ନ ଦେବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ଅଏଡା ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଜୟନ୍ତୀ ପାଳିତ ହୋଇଛି।



ଛେଣ୍ଡିପଦାରେ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଅତିଥିମାନେ।

# ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ



କଳସ ଶୋଭାଯାତ୍ରା ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

**ପରଜଙ୍ଗ, ୫।୩(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ସାଆନ୍ଦା ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ତମ୍ବାପଙ୍ଖା ରଘୁନାଥ ଜୀଉ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ୧୦ ତାରିଖ ଯାଏ ଚାଲିବ। ଏହି ଉପଲକ୍ଷେ ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ କଳସ ସ୍ଥାପନ, ସୂର୍ଯ୍ୟପୂଜା, ଆବାହନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ଏବଂ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପଣ୍ଡିତ ରାଜେନ୍ଦ୍ର ପଣ୍ଡା, ଗୋପାଳକୃଷ୍ଣ ବେଜ ପ୍ରବଚନ ଦେଉଛନ୍ତି। ଦୋଳ ପୂର୍ଣ୍ଣିମା ଉପଲକ୍ଷେ ୨ଦିନ ସାମାଜିକ ନାଟକ କାର୍ଯ୍ୟକ୍ରମ ପରିବେଷଣ ହେବ। ବିଭୂତି ଭୂଷଣ ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମନ୍ଦିର କମିଟି ସଭାପତି ବିଜୟ ପଣ୍ଡା, ସମ୍ପାଦକ ସୁଶାନ୍ତ ପାଣି, କୋଷାଧ୍ୟକ୍ଷ ବନବିହାରୀ ପାଣି, ପରିଚାଳକ ଭାସ୍କର ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

# ଆଠମଲ୍ଲିକରେ କୁଆପଥର ବର୍ଷା

**ଆଠମଲ୍ଲିକ, ୫।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକରେ ଗୁରୁବାର ପୁଣି କୁଆପଥର ବର୍ଷା ହୋଇଛି। ଦୁଇ ଦିନ ହେଲା ଏଠାରେ ବର୍ଷା ଯୋଗୁ ଥଣ୍ଡା ଅନୁଭୂତ ହେଉଛି। ଏଥିଯୋଗୁ ଚାଷୀଙ୍କ ପନିପରିବା ଚାଷ ନଷ୍ଟ ହୋଇଛି। ବୁଧବାର ଝଡବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ୨ ଦିନ ହେଲା ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର, ମାର୍ଚ୍ଚ ୬/୨୦୨୦, Dhenkanal, Friday, March 6 / 2020

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ



ବନ୍ତଲା, ୫।୩(ଡି.ଏନ.ଏ.)- ଅନୁଗୋଳ ଜିଲା ଅବକାରୀ ବିଭାଗ ପକ୍ଷରୁ ଅନୁଗୋଳ ଓ ନିଶା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଗୁରୁବାର ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ତୀର୍ଥ ବିଶ୍ୱାଳ, ନିର ବେହେରା ଓ ଦୁଃଶାସନ ବେହେରା। ସେମାନଙ୍କ ନିକଟରୁ ଦେଶୀ ପୋଚ ଓ ୩୮ ଲିଟର ମହୁଲି ମଦ ଜବତ ହୋଇଛି। ବନବିଭାଗ ସୂତ୍ରରୁ ପ୍ରକାଶ, ଅବକାରୀ ନିରୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନେତୃତ୍ୱରେ ନିଶା ଶିଳ୍ପାଞ୍ଚଳ ଥାନା ପରଙ୍ଗ ଓ ଅନୁଗୋଳ ଥାନା ନତଡା, ଜରାସିଂହା ଅଞ୍ଚଳରେ ଚଢ଼ାଉ ହୋଇଥିଲା। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ବିଭାଗ ଅନୁଗୋଳ ସଦର ଉପ ନିରୀକ୍ଷକ ଅରବିନ୍ଦ ପ୍ରସାଦ ରାଉତରାୟ, ଏଏସ୍ଆଇ ବିଜୟ କୁମାର ସାମଲ, ହେମନ୍ତ ନାଏକଙ୍କ ସମେତ ଅବକାରୀ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

### ଅନୁଗୋଳରେ ନୂତନ ବିଡିଓ



ବନ୍ତଲା, ୫।୩(ଡି.ଏନ.ଏ.)- ଅନୁଗୋଳ ବ୍ଲକରେ ନୂତନ ବିଡିଓ ଭାବେ ଅଂଶୁମାନ ଶତପଥୀ ବୁଧବାର ଅପରାହ୍ନରେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ କଣିହାଁ ତହସିଲଦାର ଦାୟିତ୍ୱରେ ଥିଲେ। ବିଧିବଦ୍ଧ ଭାବେ ପୂର୍ବତନ ବିଡିଓ ମାୟାଧର ବେହେରାଙ୍କଠାରୁ ସେ ନୂତନ ଦାୟିତ୍ୱ ନେଇଛନ୍ତି। ମାୟାଧରଙ୍କର ଭୁବନେଶ୍ୱର ବଦଳି ହୋଇଛି।

# 'ସଂସ୍କୃତି ବଞ୍ଚାଇବାର ଏକମାତ୍ର ମାଧ୍ୟମ ମହୋତ୍ସବ'

**ପାଲଲହଡ଼ା, ୫।୩(ଡି.ଏନ.ଏ.)**

ରଙ୍ଗାରଙ୍ଗ ସମାରୋହ ମଧ୍ୟରେ ଗୁରୁବାର ଉଦ୍‌ଘାଟିତ ହୋଇଛି ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ଲୋକ ମହୋତ୍ସବ 'ମାଲ୍ୟଗିରି ମହୋତ୍ସବ-୨୦୨୦'। ଅପରାହ୍ନ ୩ଟାରେ

- ମାଲ୍ୟଗିରି ମହୋତ୍ସବ ଉଦ୍‌ଘାଟିତ
- ମନମୋହିଲା କଂସଙ୍କ ଅଭିନୟ
- ଝୁମାଇଲେ ଓଲିଉଡ ସଙ୍ଗୀତକାର

ପାଲଲହଡ଼ା ଜଗନ୍ନାଥ ମନ୍ଦିରରୁ ବିଭିନ୍ନ ଆଦିବାସୀ ଏବଂ ଲୋକ ନୃତ୍ୟର ତାଳେ ତାଳେ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ବରଗଡ଼ ଧନୁ ଯାତ୍ରାରେ କଂସ ଭୂମିକାରେ ଅଭିନୟ କରୁଥିବା ହୃଷୀକେଶ ଭୋଇ ସହରରେ ଦରବାର ବସାଇ ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ପରେ ମଶାଲ ପାଲଲହଡା ଷ୍ଟାଡିୟମଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ମହେନ୍ଦ୍ର ବସ୍ତିଆ, ଜିଲା ପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ଉପଜିଲାପାଳ ଅଜିତ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଉତ୍ସବ ଉଦ୍‌ଘାଟନ କରିବା ସହ ଆଧୁନିକ ଯୁଗରେ ବୁଡି ଯାଉଥିବା ଲୋକକଳା, ପରମ୍ପରା ଏବଂ ସଂସ୍କୃତିକୁ ବଞ୍ଚାଇ ରଖିବାର ଏକମାତ୍ର ମାଧ୍ୟମ ମହୋତ୍ସବ ବୋଲି ମତ ରଖିଥିଲେ। ପାଲଲହଡ଼ା ବିଧାୟକ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ମୁକେଶ କୁମାର ପାଲ ସଭାପତିତ୍ୱ କରିଥିଲେ। ପ୍ରଥମ ସନ୍ଧ୍ୟାରେ ବ୍ରହ୍ମପୁରର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ନୃତ୍ୟ ଦର୍ଶକଙ୍କ ମନ ଛୁଇଁଥିଲା। ଓଲିଉଡର ବିଶିଷ୍ଟ କଣ୍ଠଶିଳ୍ପୀ ମନସ୍ୱିନୀଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛପରିଆ ନୃତ୍ୟ, କରମା ନୃତ୍ୟ ଏବଂ ଲଉଡ଼ି ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମ ଦିନରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଉପଖଣ୍ଡ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା



ମାଲ୍ୟଗିରି ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।



ଦୁର୍ଘଟଣାଗ୍ରସ୍ତ ଅଟୋ।

## ଅଟୋକୁ ଧକ୍କା ଦେଲା ଟ୍ରକ୍, ୫ ଗୁରୁତର

**ପାଲଲହଡ଼ା, ୫।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଶିବମନ୍ଦିର ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଏକ ଅଟୋକୁ ଟ୍ରକ୍ ଧକ୍କା ଦେଇଛି। ଅଟୋଟି ସେଠାରେ ଓଲଟି ପଡିବା ଯୋଗୁ ସେଥିରେ ବସିଥିବା ୮ ଜଣଙ୍କ ମଧ୍ୟରୁ ୫ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ରଜତ କୁମ୍ଭାର, ମାନସୀ କୁମ୍ଭାର, ଜମ୍ବୁବତି କୁମ୍ଭାର, ରାଇବାରୀ କୁମ୍ଭାର ଏବଂ ୫ ବର୍ଷର ଶିଶୁ ଗୌରୀ କୁମ୍ଭାର। ସେମାନଙ୍କୁ ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରଜତଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ସ୍ଥାନୀୟ ଚଷା ଗୁରୁଜାଙ୍ଗ ପଞ୍ଚାୟତ ସୁସବ ଗ୍ରାମର ୨ଟି ପରିବାର ଏକ ବିବାହ କାର୍ଯ୍ୟରେ ଯୋଗ ଦେବା ପାଇଁ ବଡିସୁଆଁ ପଞ୍ଚାୟତର ଗୁରୁଣ୍ଡିଆମୁଣ୍ଡା ଗ୍ରାମକୁ ଯାଇଥିଲେ। ଫେରିବାବେଳେ ଏକ ଟ୍ରକ୍ ଅଟୋଟିକୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଛାଡି ଚାଳକ ଫେରାର ହୋଇଯାଇଥିଲେ। ପୋଲିସ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

## ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ, ଜଣେ ଗୁରୁତର

**ତାଳଚେର, ୫।୩(ନି.ପ୍ର.)**

ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଅନୁଗୋଳ ଜିଲା ତାଳଚେରରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ଦୁର୍ବଳ ବିଦ୍ୟୁତ୍ ଖୁଣ୍ଟକୁ ବିପଦ ସଙ୍କୁଳ ଅବସ୍ଥାରେ ଛାଡି ଦିଆଯାଇଥିବାରୁ ଏହା ଭାଙ୍ଗି ଜଣେ ଯାତ୍ରୀଙ୍କ ଉପରେ ପଡିଛି। ଏଥିରେ ସେ ଗୁରୁତର ହୋଇଛନ୍ତି। ଆହତ ଜଣକ ମୁକ୍ତା ବାଘାରି (୨୫) ଓ ଘର ପାଲଲହଡ଼ା ଅଞ୍ଚଳରେ ବୋଲି ଜଣାପଡିଛି।

ସୂଚନା ମୁତାବକ, ମୁକ୍ତା ତାଳଚେର ବଜାରକୁ ଆସିଥିବା ବେଳେ ଘରକୁ ଫେରିବା ପାଇଁ ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ। ସେହି ସମୟରେ ସେଠାରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗି ତାଙ୍କ ଉପରେ ପଡିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେଥିରେ ବିଦ୍ୟୁତ୍ ତାର ଟଣା ଯାଇ ନ ଥିବାବେଳେ କାହିଁକି ଖୁଣ୍ଟଟିକୁ ସେଠାରୁ ହଟା ନ ଯାଇ ଏପରି ଭାବେ ଛାଡି ଦିଆଯାଇଥିଲା ସେ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ବାରମ୍ବାର ଏପରି ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିଲେ ହେଁ ବିଭାଗ ଚେତୁ ନ ଥିବା ଅଭିଯୋଗ ହୋଇଛି। ଗୁରୁତରଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସହ କ୍ଷତିପୂରଣ ପ୍ରଦାନ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଏନ୍‌ଜେନ ଓ ସେସୁ ଅଧିକାରୀଙ୍କୁ ପଚାରିବାରେ ଉକ୍ତ ଖୁଣ୍ଟ ବିଷୟରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା କହିଛନ୍ତି। ଏହାର ତଦନ୍ତ କରାଯିବ ବୋଲି କୁହାଯାଇଛି।

## ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ପାଲଲହଡ଼ା, ୫।୩(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ବରାହକୁଦର ଗ୍ରାମର ଚିତ୍ତରଞ୍ଜନ ମହନ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ପୋଲିସ ସୂଚନା ମୁତାବକ, ଚିତ୍ତରଞ୍ଜନ ୩ ମାସ ହେଲା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିବା ଓ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ଯୁବତୀ ଜଣକ ବିବାହ ପାଇଁ କହିବାରୁ ଚିତ୍ତରଞ୍ଜନ ଆଉ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ଯୁବତୀ ଜଣକ ପାଲଲହଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୯/୨୦ରେ ମାମଲା ରୁଜୁ କରି ଚିତ୍ତରଞ୍ଜନଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ସୂଚନା ଦେଇଛନ୍ତି।

## ଏମ୍‌ବିଏ, ଏମ୍‌କମ୍ ବିଭାଗରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀ।

**ଅନୁଗୋଳ ଅଫିସ୍, ୫।୩**

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ଏମ୍‌କମ୍ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସେଫ୍ଟି ଲ-ମିନିମାଇଜ ରିସ୍କ ଆଣ୍ଡ ଗେନ କନଫିଡେନ୍ସ ସମ୍ବଳିତ ଆଲୋଚନାଚକ୍ରକୁ ଟାଟା ଭୂଷଣ ଲିମିଟେଡର ବରିଷ୍ଠ ପରିଚାଳକ (ସୁରକ୍ଷା) ରବିନାରାୟଣ ପାଢ଼ୀ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସୁରକ୍ଷାର ବିଭିନ୍ନ ଦିଗ ଓ ସତର୍କତା ପୂର୍ବକ ପରିଚାଳନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ବି.କେ. ରାଜ ସମାଜରେ ଏମ୍‌ବିଏ ଛାତ୍ରମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଡ. ସୋମେଶଦତ୍ତ ଦାଶ ସୁରକ୍ଷା ବ୍ୟବସ୍ଥାର କିପରି ଉପଯୁକ୍ତ ପ୍ରୟୋଗ କରାଯିବ ତାହା ପ୍ରକାଶ କରିଥିଲେ। ବିଭାଗୀୟ ସଂଯୋଜକ ଡ. ଏନ୍. ପଟେଲ ଏଭଳି ଉପଯୋଗୀ ବିଷୟକୁ ନେଇ ଆଲୋଚନାଚକ୍ର କରାଯାଉଥିବାରୁ ପ୍ରଶଂସା କରିଥିଲେ। ବିଭାଗୀୟ ମୁଖ୍ୟ ଦୀପକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅନିଲ ରାଉତ, ରଞ୍ଜୟ ସର, ଦେବବ୍ରତ ସାହୁ, ଅଧ୍ୟାପିକା ପିଙ୍କି ଡାଙ୍ଗ, ସୋନାଲି ଖଟୁଆ ସହଯୋଗ କରିଥିଲେ। ଛାତ୍ରୀ ବନଶ୍ରୀ ଜେନା ଓ ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଲିପିକା ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କୁ ୧୫ ବର୍ଷ କାରାଦଣ୍ଡାଦେଶ

**ଅନୁଗୋଳ ଅଫିସ, ୫।୩**

**ବଳାତ୍କାର ସହ ନାବାଳିକାଙ୍କୁ ଗର୍ଭବତୀ କରିବା ମାମଲା**

ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ସହ ଗର୍ଭବତୀ କରିବା ମାମଲାର ବିଚାର କରି ଅନୁଗୋଳ ସ୍ପେଶାଲ ପୋକ୍ସୋ ଜଜ୍ ପ୍ରଭାକର ଗଣ୍ଡିଆ ଗୁରୁବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୫ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୋଟ୍ ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜଜ୍ ଏହି ରାୟ ଶୁଣାଇଥିବା ସୂଚନା ମିଳିଛି।

ମାମଲାରୁ ପ୍ରକାଶ ଯେ, ନାବାଳିକାଙ୍କୁ ୧୪ ବର୍ଷ ହୋଇଥିବା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ୧୭ ବର୍ଷୀୟ ଅଭିଯୁକ୍ତ ଜଣକ ତାଙ୍କୁ ମାରଣାସ୍ତ୍ର ଦେଖାଇ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ ନ କହିବାକୁ ଧମକ ଦେଇ ଦୀର୍ଘ ଦିନ ଧରି ତାଙ୍କୁ ବଳାତ୍କାର କରିଆସୁଥିଲେ। ତେବେ ନାବାଳିକା ଜଣଙ୍କ ଗର୍ଭବତୀ ହେବା ପରେ ୨୦୧୬ ଫେବୃୟାରୀ ୨ରେ ଘଟଣା ପଦାକୁ ଆସିଥିଲା। ନାବାଳିକା ସମସ୍ତ କଥା ପରିବାର ଲୋକଙ୍କ ଆଗରେ କହିଥିଲେ। ଅଭିଯୁକ୍ତଙ୍କ ବାପା ଏହାର ଆପୋଷ ସମାଧାନ ପାଇଁ ୩ ଦିନ ସମୟ ନେଇଥିଲେ। କିନ୍ତୁ ସେ ସମାଧାନ ନ କରିବାରୁ ନାବାଳିକାଙ୍କ ମା' ୨୦୧୬ ଫେବୃୟାରୀ ୫ରେ ହଣ୍ଡପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨୦୧୬ ମେ ୧୮ରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପ୍ରଥମେ ଜୁଭେନାଇଲ କୋର୍ଟରେ ମାମଲାର ବିଚାର ହୋଇଥିଲା। ଅଭିଯୁକ୍ତ ଜଣଙ୍କ ସାବାଳକ ହେବା ପରେ ମାମଲା ଅନୁଗୋଳ କୋର୍ଟକୁ ବିଚାର ପାଇଁ ଆସିଥିଲା। ଉପରୋକ୍ତ ରାୟ ସହ ଜେଲରେ ଦୋଷୀ ଯୁବକଙ୍କ ପାଠପଢ଼ା, କାଉନସେଲିଂ, ସ୍କିଲ ଡେଭଲପମେଣ୍ଟ ଓ ଆଚାର ବ୍ୟବହାର କିପରି ରହୁଛି ସେ ନେଇ ରିପୋର୍ଟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ସରୋଜ ପଟ୍ଟନାୟକ ପରିଚାଳନା କରୁଥିଲେ।

### ୩ ବର୍ଷୀୟ ପୁଅର ଡାକ ଶୁଣିଲେନି ଅଭିଯୁକ୍ତ ବାପା

ବଳାତ୍କାର ଯୋଗୁ ଗର୍ଭବତୀ ହୋଇଥିବା ସମ୍ପୃକ୍ତା ନାବାଳିକା ପରେ ଏକ ଶିଶୁ ସନ୍ତାନ ଜନ୍ମ ଦେଇଥିଲେ। ଏବେ ତାଙ୍କ ପୁଅକୁ ୩ ବର୍ଷ ହେଲାଣି। ଗୁରୁବାର ରାୟ ପ୍ରକାଶ ବେଳେ ଶିଶୁପୁତ୍ରଟି ମା'ଙ୍କ ସହ କୋର୍ଟକୁ ଆସିଥିଲେ। ପୋଲିସ ଦୋଷୀ ଯୁବକଙ୍କୁ ଜେଲକୁ ନେଇ ଯାଉଥିବା ବେଳେ ଶିଶୁପୁତ୍ରଟି ପଛରେ ବାପା ବାପା ଡାକି କିଛି ବାଟ ଯାଇଥିଲେ। ଏପରି ବିରଳ ଦୃଶ୍ୟ ଅନେକଙ୍କ ଆଖିରେ ଅଶ୍ରୁ ଭରି ଦେଇଥିଲେ ବି ଦୋଷୀ ପିତାଙ୍କ ମନ ଆଦୌ ବିଚଳିତ ହୋଇ ନ ଥିଲା କି ତାଙ୍କ ପିତୃତ୍ୱ କାଣିଚାଏ ବି ଜାଗ୍ରତ ହୋଇ ନ ଥିଲା। ପିଲାଟିକୁ ଆଡ଼ ଆଖିରେ ସେ ନ ଚାହିଁ ପୋଲିସ ସହ ଚାଲିଯିବା କୋର୍ଟ ପରିସରରେ ଚର୍ଚ୍ଚାର ବିଷୟ ହୋଇଥିଲା।

# ବିଜୁ ମଇଦାନରେ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି



**ଅନୁଗୋଳ ଅଫିସ, ୫।୩:**

ଅନୁଗୋଳ ବିଜୁ ମଇଦାନ ଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ସହରର ବିଜେଡି କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଅନୁଗୋଳ ବିଜେଡି ପକ୍ଷରୁ ଜୟନ୍ତୀ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଉନସିଲର ଉଲ୍ଲାସୀ ସାହୁ, ବୃନ୍ଦାବନ ସ୍ୱାଇଁ, ସତ୍ୟାନନ୍ଦ ଦଳବେହେରା, ଭାଗୀରଥି ଦେହୁରୀ, ତାପସ ରଞ୍ଜନ ନାୟକ, କୈଳାସ ମୋଦି, ଅନିଲ ଅଗ୍ରୱାଲ, ପ୍ରିୟଦର୍ଶୀ ପଟ୍ଟନାୟକ, ସୌମ୍ୟରଞ୍ଜନ ସ୍ୱାଇଁ, ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ୍ ପ୍ରସାଦ ଦ୍ୱିବେଦୀ, ଅନୁଗୋଳ ନିର୍ବାଚନମଣ୍ଡଳୀ ସଭାପତି ଅଜିତ ପ୍ରସାଦ ଦ୍ୱିବେଦୀ, ଅନୁଗୋଳ ପୌରପାଳିକା ବିଜୁ ଯୁବ ବାହିନୀ ସଭାପତି ଅବିନାଶ ପରିଡ଼ାଙ୍କ ସମେତ ବିଜୁ ଯୁବ ବାହିନୀ ସଦସ୍ୟ ଗୁରୁ ପ୍ରସାଦ ବେହେରା, ରାଜେନ୍ଦ୍ର ମହାପାତ୍ର ଓ କାହ୍ନୁଚରଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ